**ରବି ଧାନ, ପନିପରିବା ନଷ୍ଟ**

**କୁଆମରା,(ଡି.ଏନ.ଏ.):** ବାତ୍ୟା 'ୟାସ' ପ୍ରଭାବରେ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକରେ ବ୍ୟାପକ ରବି ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ପାଚିଲା ଧାନ କ୍ଷେତରେ ୨ଫୁଟ ଲେଖାଏ ପାଣି ଜମି ରହିଛି। ଫଳରେ ଧାନ ଗଜା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଦୁର୍ବଳ ଓ କଚ୍ଚା ଘରେ ରହିଥିବା ୧୩ଟି ପଞ୍ଚାୟତର ମୋଟ ୨ହଜାର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ହୋଇଥିବା ବେଳେ ୬୬ଟି କେନ୍ଦ୍ରରେ ୩୮୨୧ ଲୋକ ସୁରକ୍ଷା ନିମନ୍ତେ ପହଞ୍ଚି ଥିବା ବିଡିଓ ରବୀନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବାରିପଦାରେ ହେବ ଅକ୍ସିଜେନ୍ ପ୍ଲାଣ୍ଟ

**ବାରିପଦା ଅଫିସ,୨୬।୫:** ମୟୂରଭଞ୍ଜ ଜିଲା ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନା ପରିସରରେ ଦୁଇଟି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ରାଜ୍ୟ ଅକ୍ସିଜେନ ପରିଚାଳନା ଟାସ୍କଫୋର୍ସ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି। ୧୨ ସପ୍ତାହ ମଧ୍ୟରେ ପ୍ଲାଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି। ଏହି ପ୍ଲାଣ୍ଟରୁ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧିନ କୋଭିଡ୍ ଆକ୍ରାନ୍ତଙ୍କ ସହିତ ଡାକ୍ତରଖାନାରେ ଥିବା ଆଇସିୟୁ, ଏଚଡିୟୁ, ଶିଶୁ ବିଭାଗ ଓ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସିତ ରୋଗୀମାନେ ଉପକୃତ ହୋଇପାରିବେ। ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜବାସୀଙ୍କ ପାଇଁ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ପାଇଁ ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ପକ୍ଷରୁ ଦାବି ହୋଇ ଆସୁଥିଲା। ଭଞ୍ଜସେନା ପକ୍ଷରୁ ବ୍ୟାପକ ଆନ୍ଦୋଳନ ସହ ଲୋକେ ପ୍ଲାକାର୍ଡ ଧରି ଦାବି ଜଣାଇଥିଲେ। ସେହିପରି ଭାଜପା ପକ୍ଷରୁ ମଧ ଦାବି ଉପସ୍ଥାପନ କରାଯାଇଥିଲା।

### ଲୁହାପଥର ବୋଝେଇ ଟ୍ରେଲର ଜବତ

**କେନ୍ଦୁଝର, ୨୬।୫(ସ୍ୱ.ପ୍ର.):** କେନ୍ଦୁଝର ଟାଉନ ପୋଲିସ ଏନଏଚ ୨୦ ନେକଡାଘର ନିକଟରୁ ୫ ଟି ଲୁହାପଥର ବୋଝେଇ ଟ୍ରେଲର ଜବତ କରିଛି। ଏହି ସବୁ ଗାଡିର କାଗଜପତ୍ର, ଲୋଡିଂ ପରିମାଣ ଆଦି ଯାଞ୍ଚ କରି କେସ୍ କରିବା ପାଇଁ ପରିବହନ ଓ ଖଣି ବିଭାଗକୁ ହସ୍ତାନ୍ତର କରିଥିବା ଟାଉନ ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ତେବେ ଏହି ଲୁହାପଥର ଯୋଡ଼ା ଖଣି ଅଞ୍ଚଳରୁ ଆସିଥିବାବେଳେ ପାରାଦୀପ ଅଭିମୁଖେ ଯାଉଥିଲା। ତେବେ ଓଭରଲୋଡ ଥିବାରୁ ପରିବହନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରିଥିବା ବେଳେ ଖଣି ବିଭାଗ ଲୁହାପଥରର ବୈଧନତାକୁ ଯାଞ୍ଚ କରୁଛି।

### କୋଳିମାଟିରେ ରିଲିଫ୍ ବ୍ୟବସ୍ଥା

**ଘସିପୁରା,୨୬।୫(ଡି.ଏନ୍.ଏ.):** 'ୟାସ୍'ପ୍ରଭାବରେ ଆନନ୍ଦପୁର ବ୍ଲକ କୋଳିମାଟିରେ ପ୍ରଭାବିତ ଲୋକଙ୍କ ପାଇଁ ରିଲିଫ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱେଚ୍ଛାସେବୀ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ବାବୁଲି ଧିର, ହିମାଂଶୁ ରାଉତ, ଦିଲୁ ଧିର, ବାବୁ ଧିର ପ୍ରମୁଖଙ୍କ ସହଯୋଗରେ ୧୨ ଶହରୁ ଉର୍ଦ୍ଧ ଲୋକଙ୍କ ପାଇଁ ଚୁଡା ଚିନି ବିସ୍କୁଟ ସହିତ ରନ୍ଧାଖାଦ୍ୟର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ସ୍ଥିତି ପରଖିଲେ ବିଧାୟକ

**ପାଟଣା,୨୬।୫(ସ୍ୱ.ପ୍ର.):** 'ବାତ୍ୟା' ୟାସ ପ୍ରଭାବରେ କେନ୍ଦୁଝର ଜିଲା ପାଟଣା ତହସିଲ ଓ ସାହାରପଡା ତହସିଲ ଅଞ୍ଚଳର ଜନଜୀବନ ପ୍ରଭାବିତ ହୋଇଛନ୍ତି। ପାଟଣା ବିଧାୟକ ଜଗନ୍ନାଥ ନାଏକ ଏନେଇ ଆସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳ ବୁଲି ସ୍ଥିତି ପରଖିବା ପରେ ପାଟଣା ଓ ସାହାରପଡା ପ୍ରଶାସନିକ ଅଧିକାରୀଙ୍କ ସହ ବାତ୍ୟା ସମ୍ପର୍କିତ ସର୍ବଶେଷ ସ୍ଥିତି ସମୀକ୍ଷା କରିଛନ୍ତି। ପାଟଣାରେ ଥିବା କେନ୍ଦ୍ରୀୟ ଜଳ ଆୟୋଗ ତରଫରୁ ରେକର୍ଡ କରାଯାଇଥିବା ବର୍ଷାର ପରିମାଣ ଗତ ୧୮ଘଣ୍ଟା ମଧ୍ୟରେ ୧୨୫.୪ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି। ବାତ୍ୟା ଯୋଗୁ ପାଟଣା ବିଦ୍ୟୁତ ସେକ୍ସନର ୪ଟି ସ୍ଥାନରେ ୬ ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିବାରୁ ୨ ଦିନ ହେବ ଲୋକେ ଅନ୍ଧକାରରେ ଅଛନ୍ତି। ସେହିପରି ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ଓ ସାହାରପଡା ତହସିଲଦାର ବାବାଜୀ ଚରଣ ସିଂ ପ୍ରଶାସନ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଜାଗ ରହିଥିବା କହିଛନ୍ତି।

### ହାତୀ ଆକ୍ରମଣରେ ମହିଳା ଗୁରୁତର

**କେନ୍ଦୁଝର, ୨୬।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ଅନ୍ତର୍ଗତ ରାଇସୁଆଁ ଗ୍ରାମରେ ହାତୀ ଆକ୍ରମଣରେ ପୂର୍ଣ୍ଣିମା ମହାନ୍ତ ନାମ୍ନୀ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ତାଙ୍କ ପୁଅ ସହିତ ଅପରାହ୍ନ ୨ଟାସମୟରେ ପାଖ ଜଙ୍ଗଲକୁ ଟୋଲୋ ତୋଳିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣ କରିଥିଲା। ତାଙ୍କ ପୁଅ ରାଜୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ପାଣିଘେରରେ ସମୁଦ୍ରକୂଳିଆ ଗାଁ

**ଭଦ୍ରକ ଅଫିସ, ୨୬।୫**


ବାସୁଦେବପୁର କୋଭିଡ୍ କେୟାର ସେଣ୍ଟର ଜଳଘେରରେ ରହିଛି।

ବାତ୍ୟା 'ୟାସ୍' ଭଦ୍ରକ ଜିଲା ଧାମରା ନିକଟ ଦେଇ ଅତିକ୍ରମ କରିଛି। ଏହାର ପ୍ରଭାବରେ ଜିଲାରେ ଦିନତମାମ ପ୍ରବଳ ବର୍ଷା ହେବା ସହ ଚାନ୍ଦବାଲି ଓ ଧାମରାରେ ପବନର ବେଗ ୧୨୦ରୁ ୧୫୦ କି.ମି. ରହିଥିଲା। ଫଳରେ ଶତାଧିକ ବର୍ଷର ଗଛସବୁ ଭୂଇଁରେ ଲୋଟି ପଡ଼ିଛି। ଭଦ୍ରକ ପୌରପାଳିକାର ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ଯୋଗୁ ବିଭିନ୍ନ ୱାର୍ଡ଼ରେ ପାଣି ପଶି ଯାଇଛି। ବହୁ ସମୁଦ୍ରକୂଳିଆ ଗାଁ ଜୁଆର ପାଣିରେ ଜଳମଗ୍ନ ହୋଇରହିଛି। ଅନେକ ରାସ୍ତା ମଧ ଜଳମଗ୍ନ। ମୁଖ୍ୟତଃ ବାସୁଦେବପୁର, ଚାନ୍ଦବାଲି ଓ ଧାମରା ଅଞ୍ଚଳ ବାତ୍ୟାରେ ପ୍ରଭାବିତ ହୋଇଛି। ଧାମରା ଅଞ୍ଚଳରେ ଦୁଇଦିନ ଧରି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ଯୋଗାଯୋଗରେ ସମସ୍ୟା ସୃଷ୍ଟି ହୋଇଛି।

ବୁଧବାର ପୂର୍ଣ୍ଣିମା ହୋଇଥିବାରୁ ବଙ୍ଗୋପସାଗର ଜୁଆରିଆ ହୋଇ ଫୁଲି ଉଠିଥିଲା। ଫଳରେ ସମୁଦ୍ରକୂଳିଆ ଗାଁଗୁଡ଼ିକରେ ପାଣି ପଶି ଯାଇଛି। ସମୁଦ୍ରକୂଳିଆ, ବୈତରଣୀ, ସାଳନ୍ଦୀ, ମନ୍ତେଇ ନଦୀକୂଳିଆ ଗ୍ରାମବାସୀ ଅଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଚନ୍ଦନୀପାଳ-ଦୋସିଙ୍ଗା ଗ୍ରାମ୍ୟରାସ୍ତା, କଇଥଖୋଲା-ଦୋସିଙ୍ଗା ଭାୟା ବାଲିସାହି ରାସ୍ତା ଉପରେ ୨ ଫୁଟର ଜଳ ପ୍ରବାହିତ ହେଉଛି। ଗୁଆଁଶୋଳ-କରଞ୍ଜମାଳ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଉପରେ ପ୍ରବାହିତ ହେଉଛି ଜୁଆର ପାଣି। ଭଦ୍ରକ ଜିଲାରେ ମୋଟ ୧୦୮୩.୩ ମିଲିମିଟର ବର୍ଷା ହୋଇଥିବା ବେଳେ ଚାନ୍ଦବାଲିରେ ସର୍ବାଧିକ ୨୮୮.୩ ମିଲିମିଟର ରେକର୍ଡ଼ କରାଯାଇଛି। ସେହିପରି ଭଦ୍ରକ ସଦର ମହକୁମାରେ ୧୬୭, ଧାମନଗରରେ ୧୬୦, ତିହିଡ଼ିରେ ୧୪୨, ବାସୁଦେବପୁରରେ ୧୨୫, ବନ୍ତରେ ୧୧୭ ଓ ଭଣ୍ଡାରିପୋଖରୀରେ ସର୍ବନିମ୍ନ ୮୪ ମିଲିମିଟର ବର୍ଷା ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ଜିଲା ସାରା ଅନ୍ଧାର**

ବାତ୍ୟା ପ୍ରଭାବରେ ଭଦ୍ରକ ଜିଲାର ସମସ୍ତ ଗାଁ ଏବେ ଅନ୍ଧାରରେ। ଭଦ୍ରକ ପୌରପାଳିକାର କିଛି ୱାର୍ଡ଼କୁ ରାତିରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବେଳେ ଅନ୍ୟ ସମସ୍ତ ଅଞ୍ଚଳ ଅନ୍ଧାରରେ ଥିବା ଜଣାପଡ଼ିଛି।

**ଜେନେରେଟର ଯୋଗେ ଜଳ ଯୋଗାଣ**

ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ପଡ଼ିଥିବାରୁ ପାନୀୟ ଜଳ ସମସ୍ୟାକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ୪ଟି ସହରାଞ୍ଚଳରେ ୭୯ଟି ପମ୍ପ ହାଉସ ମଧ୍ୟରୁ ୩୬ଟିକୁ ଜେନେରେଟର ଯୋଗେ ଜଳ ଯୋଗାଣ ସ୍ୱାଭାବିକ କରାଯାଇଛି। ଏହାସହ ବିଭିନ୍ନ ବ୍ଲକରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥାକୁ ମଧ ଜେନେରେଟର ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଛି।

# ପୂର୍ଣ୍ଣମୀ ଜୁଆର ପାଇଁ ଭୟଙ୍କର ଲାଗୁଥିଲା ସମୁଦ୍ର

**ବାଲେଶ୍ୱର,୨୬।୫ (ଓଁକାର ମିଶ୍ର)**

ବୁଧବାର ଭୋର ସମୟରେ ଚାନ୍ଦିପୁରରେ ସମୁଦ୍ର ଉଗ୍ରରୂପ ଧାରଣ କରିଥିଲା। ଭୟଙ୍କର ଗର୍ଜନ ସାଙ୍ଗକୁ ସମୁଦ୍ର ଫୁଲି ଉଠିଥିଲା। ପୂର୍ଣ୍ଣମୀ ସାଙ୍ଗକୁ ୟାସ ପ୍ରଭାବରୁ ଚାନ୍ଦିପୁର ସମୁଦ୍ର ଏପରି ରୂପ ଧାରଣ କରିଥିଲା। ସକାଳ ସାଢ଼େ ୭ଟା ବେଳକୁ ସମୁଦ୍ରରେ ପ୍ରାୟ ୪ରୁ ୫ ମିଟର ଉଚ୍ଚରେ ଜୁଆର ପାଣି ମାଡ଼ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଆଗରୁ ଅନେକ ବାତ୍ୟା ଆମେ ଦେଖିଛୁ, ଏହା ଆମ ପାଇଁ ସାଧାରଣ କଥା। ହେଲେ ଚାନ୍ଦିପୁର ସମୁଦ୍ରର ଏଭଳି ଉଗ୍ରରୂପ ଏକ ନୂଆ କଥା। ଏତେ ଉଚ୍ଚକୁ ପାଣି ମାଡିବା ଆମେ ଦେଖି ନ ଥିଲୁ।

**ଘରେ ଲହଡ଼ି ମାରୁଛି ଲୁଣା ପାଣି**

ୟାସ ବାତ୍ୟା ପ୍ରଭାବରେ ଚାନ୍ଦିପୁର ସମୁଦ୍ର କୂଳକୁ ଲାଗିଥିବା ଗାଁ ଗୁଡିକରେ ପାଣି ପଶିଥିଲା। ଏମିତିକି ଅନେକ ଲୋକଙ୍କ ଘରେ ସମୁଦ୍ର ଲୁଣି ପାଣି ଢେଉ ମାରିଥିଲା। ଫଳରେ ଲୋକଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପାଣି ଦ୍ୱାରା ନଷ୍ଟ ହୋଇଛି।

**ବିଲ, ଚିଙ୍ଗୁଡ଼ି ଘେରି ବୁଡ଼ିଲା**

ଚାନ୍ଦିପୁର ସମୁଦ୍ର କୂଳିଆ ଅଞ୍ଚଳରେ ଅନେକ ଗୁଡିଏ ଚିଙ୍ଗୁଡ଼ି ଘେରି ରହିଛି। ଜୁଆର ପାଣି ମାଡିଯିବାରୁ ଏହିସବୁ ଘେରି ପାଣିରେ ବୁଡ଼ି ଯାଇଥିଲା। ଏମିତିକି କିଛି ଚିଙ୍ଗୁଡ଼ି ଘେରିରୁ ଚିଙ୍ଗୁଡ଼ି ଜୁଆର ପାଣିରେ ବାହାରି ଯାଇଥିବା ଚାଷୀ ମାନେ କହିଛନ୍ତି। ଅନ୍ୟପକ୍ଷେ ଚାଷଜମି ଓ ବିଲରେ ମଧ ପାଣି ମାଡିଯାଇଛି।


ଜୁଆରମାଡ଼ରେ ଚାନ୍ଦିପୁର ବେଳାଭୂମି କଂକ୍ରିଟ ରାସ୍ତା ଧୋଇଗଲା।

# ବାସୁଦେବପୁରରେ ବ୍ୟାପକ କ୍ଷତି

**ବାସୁଦେବପୁର,୨୬।୫(ଡି.ଏନ.ଏ.)**

ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ବାସୁଦେବପୁରରେ 'ୟାସ୍' ପ୍ରଭାବରେ ବ୍ୟାପକ କ୍ଷତି ଘଟିଛି। ଦୁଇଦିନ ଧରି ବର୍ଷା ସହ ଅଧିକ ପରିମାଣରେ ପବନ ବହୁଥିବାରୁ ପ୍ରଶାସନ ପକ୍ଷରୁ ପ୍ରାୟ ୧୯ ହଜାରରୁ ଉର୍ଦ୍ଧ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ବିଦ୍ୟାଳୟଗୁଡ଼ିକରେ ଥଇଥାନ କରାଯାଇଥିଲା। ବୁଧବାର ସକାଳଠାରୁ ବାତ୍ୟାର ପ୍ରଭାବ ଜୋରଦାର ହେବାରୁ ବହୁ ଗଛ ଭାଙ୍ଗିପଡ଼ିଛି। ଶତାଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡିପଡ଼ିଛି। ସମୁଦ୍ରଜୁଆର ମାଡ଼ି ଆସିବାରୁ ତଳିଆ ଅଞ୍ଚଳ ଜଳମଗ୍ନ

**ଘରେ ପଶିଲା ବର୍ଷାପାଣି**

ହୋଇଛି। ବାସୁଦେବପୁର ପୌରପାଳିକା ଓ ବିଭିନ୍ନ ପଞ୍ଚାୟତର ବଳକା ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶିବା ଆରମ୍ଭ କରିଛି। ଖାଲୁଆ ଅଞ୍ଚଳରେ ଲୋକଙ୍କ ଘର ଜଳଘେର ମଧ୍ୟରେ ରହିଛି।

ବାସୁଦେବପୁର ବ୍ଲକ ରୋଡ଼ ବାଲିଛନ୍ଦା ଘାଟ ରାସ୍ତାର ଗୋପାଳପୁର ଛକଠାରେ ଏକ ବଡ଼ଗଛ ଓ ବାଉଁଶବୁଦା ରାସ୍ତା ଉପରେ ପଡ଼ିରହିଥିବାରୁ ପ୍ରାୟ ୭ରୁ ୮ ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ଏନ୍‌ଡିଆର୍‌ଏଫ୍ ଟିମ୍ ଅପରାହ୍ନରେ ପହଞ୍ଚି ଏହାକୁ କାଟି ରାସ୍ତାକୁ ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୂର୍ଣ୍ଣିମା ପାଇଁ ସମୁଦ୍ର ଅଶାନ୍ତ ଓ ଜୁଆରିଆ ଥିବାରୁ ବର୍ଷାଜଳ ନଦୀକୁ ନିଷ୍କାସନ ହୋଇପାରୁ ନାହିଁ। ବର୍ତ୍ତମାନ ସୁଧା ବର୍ଷା ଓ ପବନ ଲାଗି ରହିଛି। ବିଶେଷ କରି ସମୁଦ୍ର ସଂଲଗ୍ନ ୧୫ରୁ ଉର୍ଦ୍ଧ ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଥିବା ବେଳେ ସହରାଞ୍ଚଳରେ ବର୍ଷାପାଣି ନିଷ୍କାସନ ଜନିତ ସମସ୍ୟା ସୃଷ୍ଟି ହୋଇଛି। ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ସ୍ଥାନୀୟ ଲୋକେ ଗୁଆଗାଁ ନିକଟସ୍ଥ ପଟାପୋଲ ନିକଟ ରାସ୍ତାକୁ କାଟି ଦେଇଛନ୍ତି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

# ୨୫ହଜାରରୁ ଉର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର

**କେନ୍ଦୁଝର, ୨୬।୫(ସ୍ୱ.ପ୍ର.)**

ବାତ୍ୟା ପ୍ରଭାବରେ ମଙ୍ଗଳବାର ଠାରୁ କେନ୍ଦୁଝର ଜିଲାରେ ବର୍ଷା ସହିତ ପବନ ଆରମ୍ଭ ହୋଇଥିଲା। ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ବୁଧବାର ମଧ୍ୟାହ୍ନ ପରେ ବିପତ୍ତି ଟଳିଯାଇଥିବାବେଳେ କେନ୍ଦୁଝରରେ ଅପରାହ୍ନରୁ ବର୍ଷା ସହ ପବନର ବେଗ ଅଧିକ ହୋଇଛି। ଆନନ୍ଦପୁର ଉପଖଣ୍ଡରେ ପ୍ରଭାବ ଅଧିକ ପରିଲକ୍ଷିତ ହେଉଛି। ଜିଲାରେ ସମୁଦାୟ ୯୫୯.୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ସନ୍ଧ୍ୟା ସୁଦ୍ଧା ୨୫,୦୫୧ଜଣଙ୍କୁ ସ୍ଥାନାନ୍ତର କରାଯାଇ ୫୪୨ଟି ଆଶ୍ରୟସ୍ଥଳରେ ରଖାଯାଇଛି। ବିଭିନ୍ନ ସ୍ଥାନରେ ନଦୀ, ନାଳରେ ଜଳପ୍ରବାହ ବୃଦ୍ଧି ପାଇବା ସହ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ଅଦ୍ୟାବଧି କ୍ଷୟକ୍ଷତି ଆକଳନ ହୋଇ ନ ଥିଲେ ବିଭିନ୍ନ ଅଞ୍ଚଳରେ ଲୋକଙ୍କ କଚ୍ଚାଘର ଭାଙ୍ଗି ଯାଇଛି। ଓଡ୍ରାଫ ଓ ଏନଡିଆରଏଫ ଟିମ୍ ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା, ବିଦ୍ୟୁତ ସରବରାହ ଓ ଟେଲି ଯୋଗାଯୋଗ ଠିକ କରିବାରେ ଲାଗିଛନ୍ତି।

# ପାଣି ଘେରରେ ୫୦ରୁ ଉର୍ଦ୍ଧ୍ୱ ଗାଁ

**ଖଇରା, ୨୬।୫(ଡି.ଏନ.ଏ.)**

ବାତ୍ୟା ପ୍ରଭାବରେ ଖଇରା ବ୍ଲକର ୫୦ରୁ ଉର୍ଦ୍ଧ ଗ୍ରାମ ପାଣି ଘେରରେ ଥିବା ବେଳେ ବହୁ ଲୋକଙ୍କର କଚ୍ଚା ଓ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ବନ୍ୟା ଭୟରେ ଆମ୍ବହତା କେନାଲ ସଂଲଗ୍ନ ସାରକୋଣା ଓ ଅନ୍ୟାନ୍ୟ ଗ୍ରାମବାସୀ ଆମ୍ବହତା କେନାଲକୁ ସାରକୋଣା ସାରୁଗାଁ ମଝାମଝିରେ ହାଣି ଦେବା ଯୋଗୁ ଖଇରା ବଜାର, ଖଇରା-ପୁରୁଷୋତ୍ତମପୁର ରାସ୍ତା, ଖଇରା-ବିଷ୍ଣୁପୁର ରାସ୍ତାରେ ୫ଫୁଟ ଉଚ୍ଚତାର ଜଳ ପ୍ରବାହିତ ହେଉଛି। ଏହି କୃତ୍ରିମ ବନ୍ୟାରେ ଶତାଧିକ ଦୋକାନୀଙ୍କର ଜିନିଷପତ୍ର ପାଣିରେ ଭାସୁଥିବା ଅଭିଯୋଗ ହୋଇଛି। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଖଇରା ଥାନା, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଣି ଘେରରେ ରହିଛି। ଖଇରା ପଞ୍ଚାୟତ ବଣପାରିଆ ଗ୍ରାମର ବାଉଲି ପଲେଇଙ୍କ ଘର ଉପରେ ଗଛ ଭାଙ୍ଗି ପଡିବାରୁ ଘର ଭାଙ୍ଗି ରୁଜିଯାଇଛି। ଖଇରା ୟୁପି ସ୍କୁଲର ୩୦ଫୁଟ ଲମ୍ବର ପାଚେରୀ ଭୁଶୁଡି ପଡିଛି। ଜଳଦା ଗ୍ରାମର ରାଉତସାହି, ହରିଜନ ସାହିର ବହୁ ପରିବାର ପାଣି ଘେରରେ ରହିଥିବା ବେଳେ ଅଭିଯୋଗ ପରେ ମଧ ଅଗ୍ନିଶମ ବିଭାଗ କିମ୍ବା ଓଡ୍ରାଫ ଟିମ୍ ସେମାନଙ୍କୁ ଉଦ୍ଧାର କରୁ ନ ଥିବା ନେଇ ରତ୍ନାକର ବେହେରା ଓ ବୈଦ୍ୟନାଥ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିଭଳି ମାଖନପୁର-ସାଉଣ୍ଡିଆ ରାସ୍ତା, ଗଡପୋଖରୀ-ସାନ ନୂଆଗାଁ ରାସ୍ତା, ଗଡପୋଖରୀ-ସିମୁଳିଆ ରାସ୍ତା, କଣ୍ଟାବଣିଆ-ଡଗରପଡା ରାସ୍ତାରେ ଜଳ ପ୍ରବାହିତ ହେଉଥିବା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ମହତୀପୁର, ଗୋବିନ୍ଦପୁର ସମେତ ୩୭ ପଞ୍ଚାୟତର ଅନେକ ଗ୍ରାମ ଜଳବନ୍ଦୀ ଥିବା ବେଳେ ବହୁ ଲୋକଙ୍କ ଘର ଉପରେ ଗଛ ପଡିବାରୁ ଘର ଭାଙ୍ଗିଯାଇଛି। ବ୍ଲକ ପ୍ରଶାସନ କାର୍ଯ୍ୟରେ ଅବହେଳା କରୁଥିବା ନେଇ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ୨ ହଜାର ପରିବାର ଜଳବନ୍ଦୀ

**ରୂପ୍‌ସା, ୨୬।୫ (ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ୟାସ୍ ବୁଧବାର ଲ୍ୟାଣ୍ଡଫଲ୍ ହେବା ପରେ ବ୍ୟାପକ କ୍ଷତି ଘଟିଛି। ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସମୁଦ୍ର ତଟବର୍ତ୍ତୀ ବାହାବଳପୁର, ଦୁବୁଲାଗଡ଼ି, କଷାଫଳ, ଛାନୁଆ, ସାର୍ଥା, ରଫିକ୍ଷୀ, ଗୋପୀନାଥପୁର, ରସଲପୁର ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ଜୁଆର ପାଣି ପଶି ଜନଜୀବନ ଅସ୍ତବ୍ୟସ୍ତ କରିପକାଇଛି। କଷାଫଳ ଓ ସାର୍ଥାବିନ୍ଧା ରାଜସ୍ୱ ଗ୍ରାମ ଅଧୀନ ୧୮ଟି ଗାଁରେ ପ୍ରାୟ ୧୫ ଶହ ପରିବାର ପାଣିଘେରରେ ରହିଛନ୍ତି। ସରପଞ୍ଚ ବିଜୟ କୁମାର ଭୂୟାଁ ଜଳାର୍ଣ୍ଣବ ପରିବାର ଲୋକଙ୍କୁ ନେଇ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଘରେ ଥଇଥାନ କରି ଶୁଖିଲା ତଥା ରନ୍ଧା ଖାଦ୍ୟର ବନ୍ଦୋବସ୍ତ କରିଥିଲେ। କଷାଫଳ ପଞ୍ଚାୟତରେ ବହୁ ଚାଳଛପର ଘର ଭୁଶୁଡ଼ି ପଡ଼ିଥିବାବେଳେ ଗାଁ ରାସ୍ତାରେ ଗଛ ପଡ଼ି ଯାତାୟାତ ଠପ୍ ହୋଇଯାଇଛି। ସେହିପରି ଛାନୁଆ ପଞ୍ଚୟର ୧୦ ନଂ. ୱାର୍ଡ ଛାନୁଆ, ୧୨ ନଂ. ୱାର୍ଡ ଘଡ଼େଇ ଛକ, ୧୩ ନଂ. ୱାର୍ଡ ତାଳମୁଣ୍ଡା ଓ ୧୪ ନଂ. ୱାର୍ଡ ପାହିରେ ଲୁଣିଜଳ ପ୍ରବେଶ କରି ୫ଶହ ପରିବାର ଜଳବନ୍ଦୀ ହୋଇଥିଲେ। ସେମାନଙ୍କୁ ପ୍ରଶାସନ ତରଫରୁ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଛି। ଜୁଆର ମାଡ଼ରେ ତାଳମୁଣ୍ଡା ନଦୀବନ୍ଧ


ଛାନୁଆ ସ୍କୁଲ ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି।

ଭାଙ୍ଗିଯାଇ ବିପଦ ସୃଷ୍ଟି କରିଥିବା ବେଳେ ଛାନୁଆ ଅନ୍ତେଶ୍ୱର ମହାଦେବ ମନ୍ଦିରରୁ ଘଡ଼େଇଛକ ରାସ୍ତା ଭାଙ୍ଗି ଯାତାୟାତ ବିଚ୍ଛିନ୍ନ ହୋଇଛି।

# ଗଛ ଉପୁଡ଼ିଲା, ଘର ଭାଙ୍ଗିଲା

**ଠାକୁରମୁଣ୍ଡା/ବିଶୋଇ, ୨୬।୫(ଡି.ଏନ.ଏ.)**

ବାତ୍ୟା 'ୟାସ' ପ୍ରଭାବରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଓ ବିଶୋଇ ବ୍ଲକ ଅଞ୍ଚଳରେ ବାତ୍ୟା 'ୟାସ'ର ପ୍ରଭାବ ଦେଖିବାକୁ ମିଳିଛି। ଠାକୁରମୁଣ୍ଡା-ଆନନ୍ଦପୁର, ଠାକୁରମୁଣ୍ଡା-କରଞ୍ଜିଆ, ଠାକୁରମୁଣ୍ଡା-କପ୍ତିପଦା ରାସ୍ତା ଉପରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ି ଯାତାୟତ ବାଧାପ୍ରାପ୍ତ ହୋଇଛି। ବିଶୋଇ ବ୍ଲକ ଅଞ୍ଚଳରେ ବୁଧବାର ଦିନ ତମାମ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିଥିଲା। ଫଳରେ ବହୁ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଯିବା ସହିତ ଗଛ ଉପୁଡି ବହୁ ଲୋକଙ୍କ ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି।

# ଚାଷଜମି ଜଳମଗ୍ନ

**ଆରଡ଼ି, ୨୬।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ି ଅଞ୍ଚଳରେ ମଙ୍ଗଳବାର ରାତିଠାରୁ ବୁଧବାର ଅପରାହ୍ନ ଯାଏ ବାତ୍ୟା 'ୟାସ'ର ପ୍ରଭାବ ଦେଖିବାକୁ ମିଳିଥିଲା। ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଉଳଗ, ପାଳସାହି, ରଇପୁର, ଶ୍ୟାମସୁନ୍ଦରପୁର, ଧୂଷୁରୀ, କୋଠାର, ସାହାସପୁର, ଅର୍ଜୁନପୁର, ନଦୀଗାଁ ଭଟ୍ଟସାହି, ହସନାବାଦ ଆଦି ପଞ୍ଚାୟତର ଗାଁଗୁଡ଼ିକରେ ବହୁ କ୍ଷତି ଘଟିଛି। ଆଖଣ୍ଡଳମଣି-ଭଦ୍ରକ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। କେତେକ ସ୍ଥାନରେ କଚ୍ଚାଘରଗୁଡ଼ିକର ଛପର ଉଡ଼ି ଯାଇଥିବା ବେଳେ କାନ୍ଥ ମଧ ପଡ଼ିଯାଇଛି। ବାତ୍ୟା ପ୍ରଭାବରେ ଆରଡ଼ି ଅଞ୍ଚଳରେ ଚାଷଜମି ଜଳମଗ୍ନ ହୋଇଛି। ଜମିରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି। ଫଳରେ ଚାଷୀମାନେ ବୁଣିଥିବା ବିହନ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ପୂର୍ଣ୍ଣମା ତିଥି ଥିବାରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜୁଆର ପାଣି ମାଡ଼ିଯାଇଛି। ଗୁରୁବାରଠାରୁ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର ସୂଚନା ଦେଇଛନ୍ତି।

# ଯାତାୟାତ ବାଧାପ୍ରାପ୍ତ

**ଭଣ୍ଡାରିପୋଖରୀ, ୨୬।୫ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ 'ୟାସ୍'ର ପ୍ରଭାବ ଅନୁଭୂତ ହୋଇଛି। ବ୍ଲକର ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ମନୋହରପୁର, ବଣସାହି, ଝୁଟଣା-ସାରୋ ଆଦି ବିଭିନ୍ନ ଅଞ୍ଚଳରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଅଗ୍ନିଶମ ଅଧିକାରୀ ରମାକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ କର୍ମଚାରୀ ଓ ଓଡ୍ରାଫ ଟିମ୍ ଗଛ କାଟି ରାସ୍ତା ସଫା କରିଥିଲେ। କୌଣସି ଧନ ଜୀବନ ହାନି ହୋଇ ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୋବାରକପୁର ଜେନାସାହିଠାରେ ବୁଧବାର ଭୋରରେ ଗଛ ପଡ଼ି ଏକ ଚାଳ ଘର ନଷ୍ଟ ହୋଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଛି।

# ଗଛ ପଡ଼ି ରାସ୍ତା ଅବରୋଧ: ଜଣେ ଆହତ

**ବନ୍ତ,୨୬।୫(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ବାତ୍ୟା ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି। ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ତ୍ରିକୋଣା, ତାଳପଦା ଆଦି ସ୍ଥାନରେ ଗଛ ଉପୁଡ଼ି ରାସ୍ତା ବନ୍ଦ ରହିଛି। ବନ୍ତ-ଆଗରପଡ଼ା, ଆଗରପଡ଼ା-ଅଣିଜୋ, ଆଗରପଡ଼ା-ଆପ୍ତିରା, କାଣ୍ଡବା-ଗୋପିନାଥପୁରର ୩ କି.ମି. ପର୍ଯ୍ୟନ୍ତ ରାସ୍ତାରେ ଗଛ ଉପୁଡ଼ି ପଡ଼ିଛି। ସେହିପରି ବେଲମଳା, ମଙ୍ଗୁଲି, ବାଙ୍ଗୋରପଦୀ, ସଖିପାଟଣା, ମହାନ୍ତିପଡ଼ା, ଆଡ଼ିଆ,ଆଦି ଗ୍ରାମରେ ଗଛ ପଡ଼ି ଲୋକଙ୍କ ଘର ଛପର ନଷ୍ଟ ହୋଇଥିବା ଜଣାଯାଇଛି। ଅଣିଜୋ ଗ୍ରାମର କୈଳାସ ସେଠୀ(୪୨)ଙ୍କ ଉପରେ ଗଛ ପଡ଼ିବାରୁ ସେ ଆହତ ହୋଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଅଗ୍ନିଶମ କର୍ମଚାରୀମାନେ ରାସ୍ତା ସଫା କରିବା ସହ ବିଭିନ୍ନ ସ୍ଥାନରୁ ଘର ଉପରେ ପଡ଼ିଥିବା ଗଛଗୁଡ଼ିକୁ କାଟି ସଫା କରୁଛନ୍ତି। ବିଡିଓ ରେବେକା ବିଲୁଙ୍ଗ, ତହସିଲଦାର ଇନ୍ଦିରା ସାହୁ, ବନ୍ତ ଥାନାଧିକାରୀ ମିନା ବିନ୍ଧାଣୀ ଓ ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରେଇ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ତଦାରଖ କରିଛନ୍ତି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା ସହ ତାର ଛିଣ୍ଡି ପଡ଼ିଛି। ନେସ୍କୋ କର୍ମଚାରୀମାନେ ମରାମତି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

# ନଦୀକୂଳ ବସ୍ତିବାସିନ୍ଦା ସ୍ଥାନାନ୍ତର

**ଯୋଡ଼ା,୨୬।୫(ଡି.ଏନ୍.ଏ)**

**କେନ୍ଦୁଝର-ଯୋଡ଼ା ଯୋଗାଯୋଗ ବିଚ୍ଛିନ୍ନ**

ବାତ୍ୟା 'ୟାସ'ର ମୁକାବିଲା ପାଇଁ କେନ୍ଦୁଝର ଜିଲା ଯୋଡ଼ା ସହରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀ ସୂଚନା ଦେଇଛନ୍ତି। ବାତ୍ୟା 'ୟାସ' ପାଇଁ ପାଇଯୋଶୀଙ୍କୁ ମୟୂରଭଞ୍ଜ ଜିଲାକୁ ପଠାଯାଇଥିବା ବେଳେ ସେଠାରୁ ଥାଇ ସେ ଯୋଡା ସହରର ସମସ୍ତ ପ୍ରସ୍ତୁତି ପରିଚାଳନା କରୁଛନ୍ତି। ପୂର୍ବରୁ ଲଗାଣ ବର୍ଷା ଫଳରେ ସହରରେ ସୁନା ନଦୀର ବନ୍ୟା ପ୍ରକୋପରେ ବହୁ ଧନଜୀବନ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ୫ଟି ସ୍କୁଲ ଗୃହକୁ ସାନିଟାଇଜ୍ କରାଯାଇ ସେଠାରେ ୨ଟି ଜେନେରେଟର, ୱାଟର ଟ୍ୟାଙ୍କରର ବ୍ୟବସ୍ଥା କରାଯାଇଛି। ଖାଦ୍ୟ ସାମଗ୍ରୀ ପାଇଁ ଚୁଡ଼ା ଓ ଗୁଡ଼ ସହିତ ଶୁଖିଲା ଖାଦ୍ୟର ବ୍ୟବସ୍ଥା ମଧ କରାଯାଇଛି। ଏଥିପାଇଁ ଯୋଡ଼ା ପୌରପାଳିକାର ମାର୍କେଟିଂ ଇନ୍ସପେକ୍ଟର ପାୟେଲ ହେମ୍ବ୍ରମଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟକୁ ଚମ୍ପୁଆ ସବ୍‌କଲେକ୍ଟର ପ୍ରତାପ ପ୍ରୀତିମୟଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ପୌରପାଳିକାର ସହକାରୀ ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତ ଓ ଡାକ୍ତର ସୁବଧ ତ୍ରିପାଠୀ ତଦାରଖ କରୁଛନ୍ତି। ସୁନା ନଦୀ ପୋଲ ଉପରେ ପାଣି ଜମା ହୋଇ ରହିଛି। କଚ୍ଚା ଘରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବିଲେଇପଦାଠାରେ ଜଳବନ୍ଦୀ ହୋଇଥିବାରୁ କେନ୍ଦୁଝର-ଯୋଡ଼ାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

# ବାସିଭାତକୁ କେନ୍ଦ୍ରକରି ଉତ୍ତେଜନା


ବାସିଭାତ ନ ଖାଇ ଲୋକେ ଆଶ୍ରୟସ୍ଥଳୀରେ ପ୍ରତିବାଦ କରୁଛନ୍ତି।

**ରୂପ୍‌ସା, ୨୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଗଡପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ସ୍କୁଲ ବାତ୍ୟା ଆଶ୍ରୟସ୍ଥଳୀରେ ବୁଧବାର ଉତ୍ତେଜନା ଦେଖାଦେଇଛି। ଏଠାରେ ଆଶ୍ରୟ ନେଇଥିବା ଲୋକଙ୍କୁ ଖାଇବା ପାଇଁ ବାସିଭାତ ଦିଆଯାଇଥିବା ମନ୍ମଥ ସିଂ, ସମ୍ବାରି ସିଂ, ଦୌପଦୀ ସିଂ, ରାଧା ସିଂ, କାଳୀ ସିଂ, ସହଚରୀ ବିନ୍ଧାଣି ପ୍ରମୁଖ ଅଭିଯୋଗ କରିଛନ୍ତି। ଫଳରେ ସାମୁଦ୍ରିକ ଝଡ, ୟାସ୍‌ଜନିତ ବାତ୍ୟା, ବର୍ଷା ଯୋଗୁ ନିଜ ଘରଦ୍ୱାର ଛାଡି ସରକାରୀ ନିର୍ଦ୍ଦେଶମତେ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେବାକୁ ଆସିଥିବା ମହିଳା, ପୁରୁଷ ଓ ଛୁଆପିଲାଙ୍କୁ ଭୋକ ଉପାସରେ ରହିବାକୁ ପଡିଛି।

ଏହି ପଞ୍ଚାୟତର ୪ଟି ୱାର୍ଡ ବିଶିଷ୍ଟ ଲଛମନଖୁଣ୍ଟା ରାଜସ୍ୱ ଗ୍ରାମ ଆଦିବାସୀ ବହୁଳ ଅଟେ। ଏହି ସ୍କୁଲରେ ୩ଶହରୁ ଉର୍ଦ୍ଧ୍ୱ ଲୋକ ବାତ୍ୟା ପାଇଁ ଆଶ୍ରୟ ନେଇଥିଲେ। ବାସିଭାତକୁ ମିଶାଇ ବୁଧବାର ଖାଇବାକୁ ଦିଆଯାଇଥିବାରୁ ଲୋକେ ଖାଇ ନ ପାରି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ

**ଲଛମନଖୁଣ୍ଟା ଆଶ୍ରୟସ୍ଥଳୀରେ ଅବ୍ୟବସ୍ଥା**

ଅଧିକାରୀ ଅଞ୍ଜନ ଗୋଚ୍ଛାୟତଙ୍କ ପଚରାଯିବାରୁ ସେ କହିଛନ୍ତି, ସ୍ଥାନୀୟ ୱାର୍ଡମେମ୍ବରଙ୍କୁ ରାନ୍ଧିବା ପାଇଁ ଚାଉଳ, ରାଶନ, ଗ୍ୟାସ, ଜେନେରେଟର ଆଦି ଦିଆଯାଇଛି। ଖାଦ୍ୟ ଅବ୍ୟବସ୍ଥା ସମ୍ପର୍କରେ ପଚାରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି। ଏନେଇ ବିଡିଓ ଜ୍ଞାନରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଘଟଣା ସମ୍ପର୍କରେ ବୁଝାଶୁଝା କରାଯିବ ବୋଲି କହିଛନ୍ତି।

